ପ୍ରେସ ନୋଟ

## ୬୮ ତମ ରାଜ୍ୟ ଆଥେଲେଟିକ ମିଟରେ ଜିଲ୍ଲାରୁ ୧୧ଟି ପଦକ ଜିତିଲେ ।

ଅନୁଗୋଳ,ତା:-୧୨.୪: ଚଳିତ ମାସ ୮ ତାରିଖରୁ ୧୧ ତାରିଖ ୪ ଦିନ ଧରି କିଟ୍ ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର ଠାରେ ରାଜ୍ୟ ଆଥଲେଟିକସ୍ ମିଟରେ ଅନୁଗୋଳ ଜିଲ୍ଲାରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ୩ ଗୋଟି ସ୍ୱର୍ଣ୍ଣ, ୪ ଗୋଟି ରୌପ୍ୟ ଓ ୪ ଗୋଟି ବ୍ରୋଞ୍ଜ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏହି ପ୍ରତିଯୋଗୀମାନଂକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଭିନନ୍ଦନ ଜଣାଇବା ସହ ୧୧ଟି ପଦକ ଜିତି ଜିଲ୍ଲା ପାଇଁ ସୁନାମ ଆଣିଥିବାରୁ ସମସ୍ତଂକର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି ୬୮ତମ ରାଜ୍ୟ ଆଥଲେଟିକ୍ ମିଟ୍‌ରେ ଅନୁଗୋଳ ଜିଲ୍ଲାରୁ ୨ ଜଣ ଶ୍ରୀ ଗୋବିନ୍ଦ ପାଣ୍ଡେ ୨୦ ବର୍ଷରୁ କମ୍ ବର୍ଗରେ ଓ ପୂଜା ପଣ୍ଡା ଉଭୟ ଏକ ହଜାର ମିଟର ଓ୍ୱାକିଂରେ ସ୍ୱର୍ଣ୍ଣ ବିଜେତା ହୋଇଥିବା ବେଳେ ପ୍ରିୟବ୍ରତ ପ୍ରଧାନ ୨୩ ବର୍ଷରୁ କମ୍ ବର୍ଗରେ ଜାଭେଲିନରେ ସ୍ୱର୍ଣ୍ଣ ବିଜେତା ହୋଇଛନ୍ତି । ଶୁଭମ୍ ଜ୍ୟୋତି ନାୟକ ୨୩ ବର୍ଷରୁ କମ୍ ୨୦ହଜାର ମିଟର, ଆଶୁତୋଷ ସିଂହ ୧୬ ବର୍ଷରୁ କମ୍ ୫ ହଜାର ମିଟର ଓ୍ୱାକିଂରେ, ପୂଜା ପଣ୍ଡା ୨୦ ବର୍ଷରୁ କମ୍ ବର୍ଗରେ ୩ ହଜାର ମିଟର ଷ୍ଟିପଲ ଚେସ୍ ଓ ଜମୁନା ଛତର ୨୦ ବର୍ଷରୁ କମ୍ ବର୍ଗରେ ଡିସକସ୍‌ରେ(୪ ଜଣ) ରୋପ୍ୟ ବିଜେତା ହୋଇଛନ୍ତି । ସେହିପରି ସୁଦିପ କୁମାର ସାହୁ ୨୦ ବର୍ଷରୁ କମ୍ ବର୍ଗରେ ୧ ହଜାର ମିଟର ଓ୍ୱାକିଂରେ, ପ୍ରିନସ୍ ସେଠୀ ୧୬ ବର୍ଷରୁ କମ୍ ବର୍ଗରେ ୫ ହଜାର ମିଟର ଓ୍ୱାକିଂରେ,ବର୍ଷାରାଣୀ ସାହୁ(୨ଟି ବର୍ଗରେ) ୨୦ ବର୍ଷରୁ କମ୍ ୧୦ ହଜାର ମିଟରୁ ଓ୍ୱାକିଂ ଓ ୩ ହଜାର ମିଟର ଷ୍ଟିପଲ ଚେସ୍‌ରେ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ, ଜିଲ୍ଲା କ୍ରିଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ, କୋଚ ଶ୍ରୀ ନିଳମଣୀ ଦାସ, କ୍ରିଡା ଶିକ୍ଷକ ଶ୍ରୀ ଆଶିଷ ବେହେରା, କ୍ରିଡା ଶିକ୍ଷୟିତ୍ରୀ ଏଲିଜାବେଥ ସାହୁ ବିଜେତା ଖେଳାଳୀମାନଂକୁ ସମ୍ବର୍ଦ୍ଧନା ଜଣାଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା . ୨୬୪ ତା. ୧୨.୦୪.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ


Succession List Of
District Magistrate & Collectors
Angul (Odisha)
SL NO
NAME
PERIOD
FROM
TO